ସକାଳ
THE SAKALA
Rourkela - 12 Dec 2023 - Page 6

# ଏଆଇ ଓ ଚାଟ୍ ଜିପିଟି ଉପରେ ଆଲୋଚନାଚକ୍ର



**ସୁନ୍ଦରଗଡ଼, ୧୧।୧୨(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ଚାଟ୍ ଜିପିଟି ଉପରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା ଓ ନିଯୁକ୍ତି କେନ୍ଦ୍ର କାର୍ଯ୍ୟାଳୟ ଅଧିକାରୀ ଶିବ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଆଇଆଇଟିଏମ ଭୁବନେଶ୍ୱରର ବିଶେଷଜ୍ଞ ପ୍ରଫେସର ପି. ଖାନ ଯୋଗଦେଇ ଦୈନନ୍ଦିନ ଜୀବନରେ ଏଆଇ ଓ ଚାଟ୍ ଜିପିଟିର ବ୍ୟବହାର, ସମୟର ସଦୁପଯୋଗ ତଥା ନିଜ ଶିକ୍ଷା ବ୍ୟବସ୍ଥାରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ନବୀନ ଲ ବିଭିନ୍ନ ଏଆଇ ଉପକରଣ ଉପରେ ଆଲୋକପାତ କରିବା ସହ ଏହାର ଉପକାରିତା ଏବଂ ଅପକାରିତା ବିଷୟରେ ବୁଝାଇଥିଲେ। ଅଧ୍ୟାପକ ଗରୁଡ଼େଶ୍ୱର ଦାସ, ସରୋଜ କୁମାର ପୂଜାରୀ, ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।